# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଧନୀ ଲୋକ, ଗରିବ ଲୋକ



ଲେଖକ: Edward Hughes
ଦୃଷ୍ଟାନ୍ତ: M. Maillot; Lazarus
ଅନୁବାଦକ: Prasanta Bhuyan
ଉପଯୋଜକ: M. Maillot; Sarah S.

କାହାଣୀ ୬୦ ରୁ ୪୪

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ସ୍ୱତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଓଡ଼ିଆ Oriya

ଯୀଶୁ ଜାଣିଥିଲେ ଯେ ଅନେକ ଧର୍ମଗୁରୁମାନେ ସଦାପ୍ରଭୁଙ୍କ ଅପେକ୍ଷା ନିଜର ଧନ ଲୋଭ କରୁଥିଲେ । ସେ ଦୁଇଜଣଙ୍କ ଜୀବନରେ କଅଣ ହେଲା ସେ ବିଷୟରେ କହିଲେ, ଓ ସଦାପ୍ରଭୁଙ୍କ ବିନା ଧନୀ ହେବା କିପରି ମୂଲ୍ୟହିନ ଅଟେ । ଧନ ଦ୍ୱାରା ସଦାପ୍ରଭୁଙ୍କଠାରୁ ଅନନ୍ତ ଜୀବନ କିଣାଯାଇ ପାରିବ ନାହିଁ ।





ଏକ ଧନୀ ଲୋକ ଥିଲା, ସେ ବହୁମୂଲ୍ୟର ବସ୍ତ୍ର ପରିଧାନ କରୁଥିଲା, ଯାହାର ଦାମ ଅତ୍ୟଧିକ ଥିଲା । ସେ ରାଜାସମ ପରିଧାନ କରୁଥିଲା ।




ସେହି ଧନୀ ଲୋକ ମହା ଆଡ଼ମ୍ବରରେ ଜୀବନ ଯାପନ କରୁଥିଲା । ତାଙ୍କର ସମସ୍ତ ଖାଦ୍ୟ ଏକ ଭୋଜି ସଂଙ୍ଗେ ସମାନ ଥିଲା । ତାହା ପାଖରେ ଅନେକ ପରିମାଣରେ ଟଙ୍କା ଥିଲା ଯାହାଫଳରେ ସେ ଯାହା ଇଛାକଲେ ତାହା ଖାଇବା ନିମନ୍ତେ କ୍ରୟ କରିପାରିଲେ, ତାଙ୍କର ସକାଳର ଖାଇବା, ମଧ୍ୟହ୍ନ ଭୋଜନ, ରାତ୍ର ଭୋଜନ
କିମ୍ବା ଅସମୟର ଖାଦ୍ୟ ।
3


ସେହି ଧନୀ ଲୋକର ଫାଟକ ପାଖରେ ଲାଜାର ନାମରେ ଏକ ଭିକାରି ପଡ଼ି ରହିଥିଲା । ସେ ଗରିବ, ରୋଗିଆ ଓ ଭୋକରେ ଆଉଟୁ ପାଉଟୁ ହେଉଥିଲେ ।
4


ଲାଜାରଙ୍କ ଦେହ ଘାରେ ଭର୍ତ୍ତୀ ହୋଇଥିଲା । ସେ ବୋଧେ ରୋଗରେ ଥିଲେ । ଅଲଗା କାରଣରୁ ତାହା ଶରିରରେ କ୍ଷତ ହୋଇ ଥାଇପାରେ ଯାହା ତାଙ୍କୁ କଷ୍ଟ ଲାଗୁଥାଇପାରେ ।
5


ହୋଇପାରେ ତାଙ୍କ ପାଖରେ ଭଲ ଖାଦ୍ୟ ନଥିଲା, ଉତ୍ତମ ଖାଦ୍ୟର ଅଭାବ ଯେପରି କ୍ଷିର, ପନିପରିବା, କିମ୍ବା ମାଂଶ ଇତ୍ୟଦି. ଗୁଡ଼ାକ ନ ଖାଇବାରୁ ସେହି ଘା ଗୁଡ଼ାକ ହୋଇଛି ।
6


ଲାଜାର ଖାଇବାକୁ ଇଛାକଲେ । କେବଳ ମାତ୍ର ସେ ସେହି ଧନିଲୋକର ମେଜରୁ ପଡ଼ିବା ଅଇଣ୍ଠାରୁ ଖାଇ ଖୁସି ହୋଇଥାନ୍ତା ।
7


ବେଳେ ବେଳେ କୁକୁର ଗୁଡ଼ାକ ସୁଧା ସେହି ଗରିବ ଭିକାରିର ପାଖକୁ ଆସିଲେ ଓ ତାଙ୍କ ଘାଆସବୁ ଚାଟୁଥିଲେ । ହୋଇପାରେ କେହିମଧ୍ୟ ସେହି ଲାଜାରର ଯତ୍ନ ନେଲେ ନାହିଁ ସେ ଭୋକରେ ଆଉଟୁ ପାଉଟୁ ହେଉଥିଲେ ।
8


ଦିନେ ସକାଳେ ଲାଜାର
ନିଦରୁ ଉଠିଲେ ନାହିଁ ।
ସେହି ଗରିବ, ଭୋକିଲା,
ବନ୍ଧୁହିନ ଭିକାରି ଏହି
ଜୀବନକୁ ତ୍ୟଗ କଲେ ।
ଲାଜାର ମରିଗଲେ ।
9


ଯେତେବେଳେ ଲାଜାରଙ୍କ ମୃତୁ ହେଲା ସେହି
ମୁହୁର୍ତ୍ତରୁ ତାଙ୍କ ଜୀବନରେ ଆନନ୍ଦ ଆସିଗଲା । ଯୀଶୁ
କହିଲେ ଦୁତମାନେ ଆସି ତାଙ୍କୁ ଅବ୍ରହାମଙ୍କ ନିକଟକୁ ଘେନିଗଲେ ।
ଲାଜାର ସଦାପ୍ରଭୁଙ୍କ ଦ୍ୱାରା ବିଶ୍ରାମ ପାଇଲେ ।
10


ସେହି ଧନୀ ବ୍ୟକ୍ତିଙ୍କର ମଧ୍ୟ ମୃତୁ ହେଲା । ତାଙ୍କର ସମସ୍ତ ଧନ ସଂପତ୍ତି ତାଙ୍କ ଜୀବନ ରକ୍ଷା କରି ପାରିଲା ନାହିଁ । ଯେତେବେଳେ ମୃତୁ ଆସେ, କେହିମଧ୍ୟ ତାକୁ ବାଧାଦେଇ ପାରିବେ ନାହିଁ ।
11


ସେହି ଧନୀବ୍ୟକ୍ତି କବର ପାଇଲେ । ହୋଇପାରେ ଏହା ଏକ ସଂଭ୍ରାନ୍ତ କବର ସମାରୋହ ଥିଲା । ଲୋକମାନେ ସେହି ଧନୀ ଲୋକର ଚ଼ତୁରତା ଓ ସଫଳତା ନିମନ୍ତେ ତାଙ୍କୁ ପ୍ରସଂଶା ମଧ୍ୟ କରିଥାଇ ପାରନ୍ତି । କିନ୍ତୁ ସେମାନେଙ୍କର ପ୍ରସଂଶା ତାଙ୍କୁ ସାହାଯ୍ୟ କରିପାରିଲା ନାହିଁ । ଧନୀ ଲୋକ ନରକରେ ଥିଲେ ।
12


ନରକରେ, ଧନୀଲୋକ କ୍ରନ୍ଦନ କଲେ, ହେ ପିତା ଅବ୍ରାହାମ୍, ସେହି ଲାଜାରଙ୍କୁ ପଠାନ୍ତୁ ଯେପରି ସେ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡ଼ାଇ ମୋର ଜିଭକୁ ଥଣ୍ଡା କରେ, କାରଣ ମୁଁ ଏହି ନିଆଁରେ କଲବଲ
ହେଉଅଛି ।
13


ଜୀବନରେ ତୁ ଭଲ ବିଷୟସବୁ ପାଇଲୁ ଆଉ
ଲାଜାର ମନ୍ଦ ବିଷୟସବୁ ପାଇଲା, ତାଙ୍କ
ପାଖରେ କିଛି ନଥିଲା, ଆବ୍ରାହାମ୍ କହିଲେ ।
ବର୍ତ୍ତମାନ୍ ସେ ଏଠାରେ ସାନ୍ତନା ପାଉଅଛି
ଆଉ ତୁ କଲବଲ ହେଉଅଛୁ । ଆମ୍ଭ ମଧ୍ୟରେ
ଥିବା ଅତି ବୃହତ୍ ବ୍ୟବଧାନକୁ କେହିମଧ୍ୟ
ଅତିକ୍ରମ କରିପାରିବେ ନାହିଁ ।
14













ଧନୀ ଲୋକ, ଗରିବ ଲୋକ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଲୂକ ୧୬

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।